# Akashvani, Sambalpur

# SAMBALPURI NEWS MORNING BULLETIN

# 28 May 2026 - 6.47- 6.52 am.

---

ଅର୍ଥନୈତିକ୍ ବ୍ୟାପାର୍ କେବିନେଟ କମିଟି ବୈଠକ        ଏନ୍‌ଏସ୍‌ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ନୂଆଦିଲ୍ଲୀ ନ ହେଇଥିବା ଅର୍ଥନୈତିକ୍ ବ୍ୟାପାର୍ କେବିନେଟ କମିଟି ବୈଠକ୍‌ଥି ସାଧାରଣ୍ ବଂଟନ୍ ବ୍ୟବସ୍ଥାକେ ଅଏତ୍‌କା ସୁବ୍ୟବସ୍ଥିତ୍ କର୍‌ବାର୍ ବାବଦ୍ ପ୍ରସ୍ତାବ୍‌କେ ଅନୁମୋଦନ୍ କରାଯାଇଛେ । କେନ୍ଦ୍ର ସୂଚନା ଆଉ ପ୍ରସାରଣ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇକରି କହିଛନ୍, ଇତାର୍‌ଜରିଏ ରାସନ୍ ପରିବହନ୍ ଆଉ ପରିଚାଳନା ଲାଗି ସାହାଜ୍ - ସାଧାରଣ୍ ବଂଟନ୍‌ଥି ସ୍ୱୟଂକ୍ରିୟ ଆୟ - ସାର୍ଥକ୍ ଟିଡିଏସ୍ ଯୋଜ୍‌ନାକେ ବଡ଼ ଆକାରେ କାର୍ଯ୍ୟକାରୀ କର୍‌ବାର୍ ଲାଗି ନିଷ୍ପତି ନିଆଯାଇଛେ । ଇ ଯୋଜ୍‌ନା ଜାରି ରଖିବାର୍ ଲାଗି କେନ୍ଦ୍ର ସର୍‌କାର୍ ୨୫ ହଜାର୍ ୫ ଶହ ୩୦ କୋଟି ଟଙ୍କା ଖର୍ଚ୍ଚା କର୍‌ବେ ।

ପୁଲିସ୍ ନିଯୁକ୍ତି ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟ ପୁଲିସ୍‌କେ ସଶକ୍ତ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍ ପୁଲିସ୍ ବିଭାଗ୍‌ଥି କନ୍‌ଷ୍ଟେବଲ୍ ଠାନୁ ମୁଲ୍ କରିକରି ସବ୍ - ଇନ୍ସପେକ୍ଟର୍‌ତକ୍ ମୋଟ୍ ୭ ହଜାର୍ ୬ ଶହ ୬୪ ଟା ଖାଲି ପଦ୍‌ବୀ ପୂରଣ୍ କର୍‌ବେ । ସେଥିର୍‌ଭିତ୍‌ରୁ ୩ ଶହ କନ୍‌ଷ୍ଟେବଲ୍ ୨ ହଜାର୍ ୨ ଶହ ୧୨ ଟା ଏ.ଆଇ.ଏସ୍.ଏଫ୍. କନ୍‌ଷ୍ଟେବଲ୍, ୪ ହଜାର୍ ୨ ଶହ ୨୯ ଟା ସିଭିଲ୍ କନ୍‌ଷ୍ଟେବଲ୍ ଆଉ ୯ ଶହ ୩୩ ଟା ଏସ୍.ଆଇ ଆଉ ସମାନ୍ ରେଙ୍କ୍ ପଦ୍‌ବୀ ରହିଛେ । ଇଥିର୍‌ଲାଗି ଗଲାକାଏଲ୍ ରାଜ୍ୟ ଗୃହ ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ଇ ନିଯୁକ୍ତି ପ୍ରକ୍ରିୟା ଇଥର ଓଡ଼ିଶା ୟୁନିଫର୍ମଡ଼ ସର୍ଭିସେସ୍ ଷ୍ଟାଫ୍ ସିଲେକ୍ସନ୍ କମିଶନ୍ - ଓ.ୟୁ.ଏସ୍.ଏସ୍.ସି. ପରିଚାଲନା କର୍‌ବା ବଲି ସର୍‌କାର୍ ନିଷ୍ପତି ନେଇଛନ୍ ।

ଉପମୁଖ୍ୟମନ୍ତ୍ରୀ- ମୌସୁମୀ ବର୍ଷା ଆଇ ଆଣ୍ଡ୍ ପି.ଆର୍

ରାଏଜେ ଚଲ୍‌ତି ବଛର୍ ମୌସୁମୀ ବର୍ଷା ଆଉ ଏଲ୍‌ନିନୋ ଆଶଙ୍କାର୍ ମୁକାବିଲା ଲାଗି ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆଏବା ଖରିଫ୍ ଚାଷ୍‌ର ରଣନୀତି ବାବ୍‌ଦେ ସମୀକ୍ଷା ବୈଠକ୍ କରିଛନ୍ । ଆଭାସୀ ଜରିଏ ହେଇଥିବା ବୈଠକ୍‌ଥି ମନ୍ତ୍ରୀ ଶ୍ରୀ ସିଂହଦେଓ କମ୍ ବର୍ଷା ହେବାର୍‌କେ ଥିବା ଇଲାକା ନ ଭର୍‌ପୁର୍ ମାତ୍ରାଥି ବିହନ୍ ଯୁଗାବାର୍ ସୁନିଶ୍ଚିତ୍ କର୍‌ବାର୍ ସହେତେ ଦାଏଲ୍ ବାଗିର୍ ତୈଲବୀଜ, ମିଲେଟ୍ ବିହନ୍ ଉପ୍‌ରେ ଜୋର୍ ଦେଇଛନ୍ । ମାର୍କଫେଡ୍ ଲେମ୍ପ୍‌ସ୍ ଆଉ ପେକ୍ସ ଜରିଏ ଚାଷୀମାନ୍‌କୁ ସାର୍ ଯୁଗାବାର୍‌ଟା ସୁନିଶ୍ଚିତ୍ କରାଯିବା । ଆଉ ଇତାକେ ପ୍ରତ୍ୟକ୍ଷ ଭାବେ ତଦାରଖ୍ କର୍‌ବାର୍‌କେ ଜିଲ୍ଲାପାଲ୍‌ମାନ୍‌କୁ ଶ୍ରୀ ସିଂହଦେଓ ନିର୍ଦ୍ଦେଶ୍ ଦେଇଛନ୍ ।

ଚିନିକଲ୍ ପୁନରୁଦ୍ଧାର      ବଲାଙ୍ଗିର୍ ସମ୍ବାଦଦାତା

୧୨ ବଛର୍ ଧରିକରି ବନ୍ଦ୍ ଥିବା ବଲାଙ୍ଗିର୍ ଜିଲ୍ଲାର୍ ଗୁଟେ ନ କୃଷିଭିତିକ୍ ବିଜୟାଦ ଚିନିକଲ୍‌କେ ପୁନରୁଦ୍ଧାର୍ କରିକରି କାର୍ଯ୍ୟକ୍ଷମ୍ କରାଯିବା । କୃଷିମନ୍ତ୍ରୀ ଆଉ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍

ସିଂହଦେଓ ଗଲାକାଏଲ୍ କାର୍‌ଖାନା ଇଲାକା ପରିଦର୍ଶନ୍ କରିକରି ଇ ସୂଚ୍‌ନା ଦେଇଛନ୍ । ଗଲା ନିର୍ବାଚନ୍ ସମିଆଥି ପ୍ରଧାନ୍‌ମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତିକେ ପୁରା କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍ ଇ କାର୍‌ଖାନାର୍ ପୁନରୁଦ୍ଧାର୍ ଲାଗି ତତ୍ପରତା ଦେଖେଇଛନ୍ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ ।

ମେଟ୍ରିକ୍ ସପ୍ଲିମେଂଟରୀ ପରୀକ୍ଷା ଆର୍‌ଏନ୍‌ୟୁ/ ସମ୍ବଲପୁର

ମାଧ୍ୟମିକ୍ ଶିକ୍ଷା ପରିଷଦ୍ ପରିଚାଳିତ୍ ୨୦୨୬ ମେଟ୍ରିକ୍ ସପ୍ଲିମେଂଟରୀ ପରୀକ୍ଷା ଆଏବା ଜୁଲାଇ ୨ ତାରିଖ୍‌ନୁ ମୁଲ୍ ହେଇକରି ୧୦ ତାରିଖ୍‌ତକ୍ ଚାଲ୍‌ବା । ଇ ପରୀକ୍ଷାଥି ରେଗୁଲାର୍ ଆଉ ଏକ୍ସ ରେଗୁଲାର୍ ଛାତ୍ରଛାତ୍ରୀମାନ୍‌କର୍ ଲାଗି ଗୁଟେ ସିଟିଂ ଆଉ ଗୁଟେ ପ୍ରଶ୍ନପତ୍ର ରହେବା । ପରୀକ୍ଷା ଫି’ ଦିନର୍ ସଖାଲର୍ ୯ ବଜେନୁ ମୁଲ୍ ହେଇକରି ସାଢ଼େ ୧୧ ବଜେତକ୍ ଚାଲ୍‌ବା । ସେନ୍ତା ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଭିଲ୍ ଜୁଲାଇ ୨ ତାରିଖ୍‌ନୁ ମୁଲ୍ ହେଇକରି ୧୦ ତାରିଖ୍‌ତକ୍ ଚାଲ୍‌ବା ବଲି ବୋର୍ଡ଼ ସଭାପତି ଶ୍ରୀକାନ୍ତ ତରାଇ ସୂଚ୍‌ନା ଦେଇଛନ୍ ।

ଇଦ୍-ଉଜ୍-ଜୁହା ଆର୍ଏନ୍ୟୁ ସମ୍ବଲପୁର୍

ଦେଶେ ତ୍ୟାଗ ଆଉ ବଳିଦାନ୍ର ପର୍ବ ଇଦ୍-ଉଲ୍-ଜୁହା ଆଏଜ୍ ପାଳନ୍ କରାଯାଉଛେ । ଇଦ୍-ଉଲ୍- ଜୁହା ହେଉଛେ ତ୍ୟାଗ୍ର ଦିନ୍ । ଇ ଅବ୍ସରେ ମସ୍‌ଜିଦ୍‌ମାନ୍‌କୁ ମୁସଲମାନ ସଂପ୍ରଦାୟର ଲୁକ୍‌ମାନେ ନମାଜ୍ ପାଠ୍ କରୁଛନ୍ ।
ରାଜ୍ୟପାଳ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଆଉ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପବିତ୍ର ଇଦ୍-ଉଲ୍-ଜୁହା ପର୍ବ ଅବ୍ସରେ ମୁସଲମାନ ଭାଏବହେନ୍‌ମାନ୍‌କୁ ଆନ୍ତରିକ ଶୁଭେଚ୍ଛା ଜନେଇଛନ୍ ।

ରକ୍ତକର୍କଟ ଦିବସ୍ ଆର୍ଏନ୍ୟୁ/ ସମ୍ବଲପୁର

ରକ୍ତକର୍କଟ ରୋଗ୍‌କେ ଚିହ୍ନଟ୍ କର୍‌ବାର୍ ଲାଗି ଆଉ ଇତାର୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଫି' ବଛର୍ ଆଝିରର୍ ଦିନ୍‌କେ ବିଶ୍ୱ ରକ୍ତ କର୍କଟ ଦିବସ୍ ଭାବେ ପାଳନ୍ କରାଯାଉଛେ । ଲ୍ୟୁକୋମିଆ, ଲିମ୍ଫୋମା ଆର୍ ମାୟୋଲୋମା ବାଗିର୍ ରକ୍ତକର୍କଟ

ବେମାର୍ ବାବ୍ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଫି’ ବଛର୍ ଇ ଦିବସ୍ ପାଲନ୍ କରାଯାଉଛେ ।

ସଡ଼କ୍ ସୁରକ୍ଷା ସମିତି ବୈଠକ୍        ସୁବର୍ଣ୍ଣପୁର ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ନ ଗଲାକାଏଲ୍ ସଡ଼କ୍ ସୁରକ୍ଷା ସମିତି ବୈଠକ୍ ହେଇଯାଇଛେ । ଅତିରିକ୍ତ ଜିଲ୍ଲାପାଲ୍ ରାଜେନ୍ଦ୍ର ମାଝୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ହାଇୱେ ଟାସ୍କଫୋର୍ସ ଗଠନ୍, ମୁଖ୍ୟଡାକ୍ତର୍‌ଖାନା ସାମ୍ନାଥି ଫୁଟ୍‌ପାଥ୍ ଦଖଲ୍ ହଟାବାର୍ ଆଉ ଦୁର୍ଘଟଣା ରୁକ୍‌ବାର୍ ବାବ୍ଦେ ଆଲୋଚନା ହେଇଛେ ।

ଏସିୟ ଇନ୍‌ଡୋର୍ ଏଥ୍‌ଲେଟିକ୍ ଚମ୍ପିଆନ୍‌ସିପ/ଆର୍‌ଏନ୍‌ୟୁ/ସମ୍ବଲପୁର

ରାଏଜେ ଆଏବା ବଛର୍ ଏସିୟ ଇନ୍‌ଡୋର୍ ଏଥ୍‌ଲେଟିକ୍ ଚମ୍ପିଆନ୍‌ସିପ୍ ଆୟୋଜିତ୍ ହେବା । ହଙ୍ଗ ଠାନେ ହେଇଥିବା ଏସିଆ

ଏଥ୍‌ଲେଟିକ୍ କାଉନ୍‌ସିଲ୍ ବୈଠକ୍‌ଥି ୨୦୨୭ ମସିହା ଲାଗି ଓଡ଼ିଶାକେ ଇ ଦାୟିତ୍ୱ ମିଲିଛେ । ଭୁବନେଶ୍ୱର କଲିଙ୍ଗ ଷ୍ଟାଡ଼ିୟମ୍ ନ ହେବାର୍‌କେ ଥିବା ବିଶ୍ୱ ଏଥ୍‌ଲେଟିକ୍ ଇନ୍‌ଡୋର୍ ଚମ୍ପିଆନ୍‌ସିପ୍-୨୦୨୮ ଆଘୋନୁ ଇ ଏସୀୟ ପ୍ରତିଯୋଗିତା କରାଯିବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ - ଇଟା ଓଡ଼ିଶାବାସୀଙ୍କର୍ ଲାଗି ଗର୍ବ ଆଉ ଗୌରବ୍‌ର ମୁହୂର୍ତ ଆଏ ବଲି କହିଛନ୍ ।

ଘଡ଼ିଆଲ୍ ଛୁଆ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା କୁସଙ୍ଗ ରେଞ୍ଜ୍‌ର ସାତକୋଷିଆ ଗଣ୍ଡ ନ ୧୯ ଟା ଘଡ଼ିଆଲ୍ ଛୁଆ ଜନମ୍ ହେଇଛନ୍ । ସବୁ ଘଡ଼ିଆଲ୍ ଛୁଆ ସୁସ୍ଥ ରହିଥିବାର୍ ବାବ୍‌ଦେ ବନ୍ୟପ୍ରାଣୀ ବିଭାଗ୍ ତର୍‌ଫୁ ସୂଚ୍‌ନା ମିଲିଛେ । ମହାନଦୀ ବନାଂଚଲ୍ ନ ଘଡ଼ିଆଲ୍ ବଂଶବୃଦ୍ଧି ଲାଗି ୩୫ ଟା ଘଡ଼ିଆଲ୍ ଛଡ଼ାଯାଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ କାଲ୍‌ବୈଶାଖୀର୍ ବଲେ ବର୍ଷା ହେଇଯାଇଛେ । ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତରେ ରାଜ୍ୟର୍ ପାଖାପାଖି ସବୁ ଜିଲ୍ଲା ନ ବିଜ୍‌ଲି, ଘଡ଼୍‌ଘଡ଼ି ସାଙ୍ଗେ ବର୍ଷା ହେବାର୍ ସମ୍ଭାବନା ରହିଛେ । ସେଆଡ଼େ ରାଜ୍ୟର୍ ପଶ୍ଚିମ ଭାଗେ ଜବର୍ ଗରମ୍ ଆଉ ଗୁଲ୍‌ଗୁଲି ଦେଖ୍‌ବାର୍‌କେ ମିଲିଛେ ।